The Odisha Gazette

EXTRAORDINARY

PUBLISHED BY AUTHORITY

No. 1796 CUTTACK, WEDNESDAY, JULY 26, 2023/SRAVANA 4, 1945

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଘୋଷଣା

The 10th July 2023

**S.R.O. No. 487**/2023—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, **୨୦୧୩ ର ଧାରା ୮, ଅଧିନିୟମ ୨** ଅନୁସାରେ ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଲା ତହସିଲ **ଅନ୍ତର୍ଗତ ଏକଗୋଟି** ମୌଜାର ମୋଟଏ.**୨.୦୭୦ ଡି** ଜମି ଏକ ସାର୍ବଜନୀନଉଦ୍ଦେଶ୍ୟରେ ଯଥା ବଲାଙ୍ଗିର ଜିଲ୍ଲାର **ଖୋର୍ଦ୍ଧା-ବଲାଙ୍ଗିର ନୂତନ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ** ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚିତ 'କ' ତଫସିଲ ଜମି ନିମନ୍ତେ ବଲାଙ୍ଗିର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. **ଖୋର୍ଦ୍ଧା-ବଲାଙ୍ଗିର ନୂତନ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ** ନିମନ୍ତେ ଅଧିଗ୍ରହଣ କରାହେଉଥିବା ଗ୍ରାମ ଅର୍ଜୁଣ୍ଡା(ଅତିରିକ୍ତ)**ର ଏକର ୨.୦୭୦ ଡି** ଜାଗା /ଜମି ଅଧିଗ୍ରହଣ ବିଧିସଙ୍ଗତ ଏବଂ ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ଅଟେ ।

୨.ଏହି ପ୍ରକଳ୍ପ ପାଇଁ ଆକଳନ କରାଯାଇଥିବା ଖର୍ଚ୍ଚଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ।

୩.ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଅଛି ।

୪. ପୂର୍ବରୁ ଅଧିଗ୍ରହଣ ହୋଇଥିବା ବଳକା ଜମି ଉପଯୋଗ କରାଯାଇ ନାହିଁ ।

୫.ଏହି ପ୍ରକଳ୍ପ ଦ୍ୱାରା ବର୍ତ୍ତମାନ ଅଧିଗ୍ରହଣ ହେଉଥିବା ଏହି **ଏକ** ଗୋଟି ଗ୍ରାମରେ କୌଣସି ବ୍ୟକ୍ତି ବିସ୍ଥାପିତ ହୋଇନାହାନ୍ତି, ପ୍ରପୀଡିତ ବ୍ୟକ୍ତି ବିଶେଷଙ୍କ ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

**୬.ପ୍ରଭାବିତ ଗ୍ରାମରେ ଜନ ଶୁଣାଣି କରାଯାଇଛି ।**

୭.ରେଳପଥ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପ୍ରଜାମାନଙ୍କୁ ଜମିର ଉଚିତ ଦାମ ଦିଆଯିବ।

୮. ରେଳବାଇ କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ଅଭିଯୋଗ / ଦାବିଗୁଡିକୁ ରେଲୱେ ବିଭାଗର ଆଧାର, ନିୟମ **ଏବଂ ବିନମୟ** ଅନୁସାରେ ଦୃଷ୍ଟିପାତ କରିବେ ।

୯. ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ରେଳପଥ ସଂଯୋଗୀକରଣ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲେ ଏହା ପଶ୍ଚିମ ଓ ପୂର୍ବ ଓଡ଼ିଶା ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ସହ ବଲାଙ୍ଗିର ଜିଲ୍ଲା ସହିତ ବୌଦ୍ଧ, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସହରାଚଂଳ ଓ ଗ୍ରାମାଚଂଳ ସହ ଯୋଗାଯୋଗ ହୋଇପାରିବ ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠି ରିପୋର୍ଟକୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧, ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ ।

## ତଫସିଲ-'କ'

## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

## ଜିଲ୍ଲା- ବଲାଙ୍ଗିର

| କ୍ର . ନଂ | ଗ୍ରାମର ନାମ | ଗ୍ରାମ ପଂଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୧୦ | ୧୧ |
| ୧ | ଅର୍ଜୁଣ୍ଡା(ଅତିରିକ୍ତ) | ବହିରାସର | ପୁଇଁତଲା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏ.୨.୦୭୦ | ଏଥି ସହ ସଂଲଗ୍ନ ଅଛି |
| | | | | | | | ସର୍ବମୋଟ | **ଏ.୨.୦୭୦** | |

**ଏଥି ସହିତ ଭୂମି ଅନୁସୂଚି ସଲଂଗ୍ନ କରାଯାଇଛି ।**

## ଭୂମି ଅନୁସୂଚୀ

**ମୌଜା – ଅର୍ଜୁଣ୍ଡା (ଅତିରିକ୍ତ),** **ତହସିଲ - ପୁଇଁତଲା, ନମ୍ବର-୨୫୫**

**ଥାନା-ବଲାଙ୍ଗିର, ନମ୍ବର -୨୭୦** **ଜିଲ୍ଲା- ବଲାଙ୍ଗିର**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|---|
| | ୫ | ୫୬ | ୦.୪୦୦ | ୦.୨୨୦ | ମାଲମାମୁଲି | ଅର୍ଚ୍ଚୁ ବାରିକ, ଅର୍ଜୁନ ବାରିକ, ପି-ବଳଭଦ୍ର ବାରିକ, ସଅବ ବାରିକ, ପି-ଶଙ୍କର ବାରିକ, ଚନ୍ଦ୍ରମଣି ବାରିକ, ନୀଳମର୍ଣି ବାରିକ, ପି-ଜନ୍ମବାରିକ, ଗୋପିନାଥ ବାରିକ, ମାଖୁନୁ ବାରିକ, ସାର୍ଦ୍ଦୁଲ ବାରିକ, ନଉଟଙ୍କ ବାରିକ, ପି-ଡୁଗୁରୁ ବାରିକ, ଅନୁ ବାରିକ, ଟିକବାରିକ, ଟୁକୁନା ବାରିକ ପି-ଭୋଗି ବାରିକ ଜା-ଗଣ୍ଡା, ବା-ଅର୍ଜୁଣ୍ଡା |
| | ୫ | ୭୬ | ୦.୭୩୦ | ୦.୦୭୦ | ବେର୍ଣ୍ଣାପାଣି-II | |
| | ୫ | ୭୯ | ୦.୨୮୦ | ୦.୦୯୦ | ବେର୍ଣ୍ଣାପାଣି-II | |
| | ୫ | ୭୭ | ୦.୧୯୦ | ୦.୦୮୦ | ବେର୍ଣ୍ଣାପାଣି-II | |
| | ୨୧୪ | ୭୫ | ୦.୮୦୦ | ୦.୧୦୦ | ବେର୍ଣ୍ଣାପାଣି-II | ସ୍ୱର୍ଣ୍ଣ ନାଏକ, ପି-ଘେନ ନାଏକ, ଜା-ଓଡିଆ, ବା-ଅର୍ଜୁଣ୍ଡା |
| | ୨୩୧ | ୧୧୩୧ | ୪.୦୦୦ | ୦.୦୫୦୦ | ବାହଲପାଣି-II | ଶ୍ରୀ ଗ୍ରାମଦେବୀ ମହେଶ୍ୱରୀ ଠାକୁରାଣୀବିଜେ ନିଜଗାଁ ମାର୍ଫତ ଟଙ୍କଧର ବେଜି ପି-ଚତୁର୍ଭୁଜ ବେଜି, ଜା-ବ୍ରାହ୍ମଣ, ବା-ତରଭା |
| | ୨୩୧ | ୧୧୧୫ | ୦.୩୫୦ | ୦.୨୧୦ | ବେର୍ଣ୍ଣାମାମୁଲି | |
| | ୨୩୧ | ୧୧୧୬ | ୧.୦୦୦ | ୦.୮୦୦ | ବେର୍ଣ୍ଣାମାମୁଲି | |
| | | | **ମୋଟ** | **୨.୦୭୦** | | |

[No. 24499—RDM-LAC-BOL-0006-2022-R&DM]

ରାଜ୍ୟପାଳଙ୍କ ଆଦେଶାନୁସାରେ

ମଧୁସ୍ମିତା ସାହୁ

ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1081—173+0